ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ଜୁଲାଇ ୧୧, ୨୦୨୦

## ସାନଭାଇ ଆକ୍ରମଣରେ ବଡ଼ ଗୁରୁତର

ଦଶମନ୍ତପୁର,( ଡି.ଏନ.ଏ. ) –କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଟିକ୍ରାମ୍ବ ପଞ୍ଚାୟତ ତୁନଖାଲ ଗ୍ରାମରେ ସାନଭାଇର ଟାଙ୍ଗିଆ ଚୋଟରେ ଗୁରୁତର ହୋଇଛନ୍ତି ବଡ଼ଭାଇ ଲଳିତ ଖୁରା (୩୬ )। ଚାଷ କାର୍ଯ୍ୟ ସାରି ଘରେ ଥିବା ବେଳେ ଶୁକ୍ରବାର ଅପରାହ୍ନରେ ସାନଭାଇ ଚରିତ୍ର ଖୁରା (୩୦) ଲଳିତଙ୍କ ଘରକୁ ଯାଇ ସୁଆଁ ଗୋଟିଏ ବସ୍ତା ମାଗିଥିଲେ। ସୁଆଁ ଦେବେ ନାହିଁ ବୋଲି ସେ ମନା କରିଥିଲେ। ମାତ୍ର ଚରିତ୍ର ଆଣିଥିବା ଏକ ବସ୍ତାରେ ଲଳିତଙ୍କ ଘରେ ଥିବା ସୁଆଁ ଜବରଦସ୍ତି କାଢି ନେଉଥିଲେ। ଏହାକୁ ଲଳିତ ବିରୋଧ କରିବାରୁ ଦୁଇଭାଇଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ଏହି ସମୟରେ ଚରିତ୍ର ଘରେ ଥିବା ଏକ ଟାଙ୍ଗିଆରେ ଲଳିତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।



### ସଂକ୍ଷେପରେ

## ୨ଗାଁକୁ ଶଟ୍‌ଡାଉନ୍ କଲେ ସରପଞ୍ଚ

ଦୁର୍ଗୀ,୧୦।୭: ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତ ଅଧୀନ ଭାଲେରି ଏବଂ ଦୁର୍ଗୀ ଗ୍ରାମକୁ ସରପଞ୍ଚ ୧୩ ଏବଂ ୨୦ ତାରିଖ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏଠାରେ ସୋମବାର ସାପ୍ତାହିକ ହାଟ ବସୁଥିବାରୁ ଭିଡ଼କୁ ଏଡ଼ାଇବା ପାଇଁ ସରପଞ୍ଚ ରଶ୍ମିତା କୁମୁରୁକା ଏହି ନିଷ୍ପତ୍ତି ନେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସାପ୍ତାହିକ ହାଟକୁ ବନ୍ଦ କରାଯାଇଥିଲେ ମଧ ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଆସି ଦୁର୍ଗୀ ଓ ଭାଲେରିଠାରେ ବ୍ୟବସାୟ କରିଥାନ୍ତି। ଫଳରେ ସୋମବାର ଏହି ଦୁଇ ଗ୍ରାମରେ ପ୍ରବଳ ଭିଡ଼ ଜମିଥାଏ। କରୋନା ସଂକ୍ରମଣକୁ ରୋକିବା ପାଇଁ ସରପଞ୍ଚ ଦୁଇ ସୋମବାର ସକାଳ ୭ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଶଟ୍‌ଡାଉନ୍ କରିଛନ୍ତି।

## ଦୈନନ୍ଦିନ କାର୍ଯ୍ୟରେ ଅବହେଳା କରିନାହାନ୍ତି କରୋନା ଯୋଦ୍ଧା

ମାଲକାନଗିର,୧୦।୭(ଡି.ଏନ୍.ଏ.) କରୋନା ପାଇଁ ଲକ୍‌ଡାଉନ ପରଠାରୁ ଏଯାଏ ମାଲକାନଗିରି ଜିଲା ସୀମାନ୍ତ ମୋଟୁଠାରେ ତହସିଲଦାର ଶଶାଙ୍କ ମିଶ୍ର, ସୁପରଭାଇଜର କେ. ଚିନ୍ନାରାଓ ତହସିଲ କାର୍ଯ୍ୟାଳୟ କର୍ମଚାରୀ ପୋଲିସ ଏବଂ କାଲିମେଳା ବିଡିଓଙ୍କ ସହାୟତାରେ ପ୍ରବାସୀଙ୍କୁ ସେବା ଯୋଗାଇ ଦେଉଛନ୍ତି। ଏହି ଅଧିକାରୀମାନେ ପ୍ରାୟ ୮୦ ହଜାର ପ୍ରବାସୀ ଶ୍ରମିକଙ୍କ ରହିବା, ଖାଦ୍ୟପେୟ, ସ୍ୱାସ୍ଥ୍ୟ ପରୀକ୍ଷା ସହ ସେମାନଙ୍କୁ ନିଜ ନିଜ ରାଜ୍ୟ ଓ ଜିଲାକୁ ପଠାଇଥାନ୍ତି। ଏହା ସତ୍ତ୍ୱେ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ସମ୍ପୃକ୍ତ ଅଧିକାରୀମାନେ କେବେ ଅବହେଳା କରିନାହାନ୍ତି। ଏହି କରୋନା ଯୋଦ୍ଧାମାନେ ଆମ ପାଇଁ ଭଗବାନ ସଦୃଶ ବୋଲି ଏମ୍‌ପିଭି-୮୩ ଗ୍ରାମର ପ୍ରସାଦ ସରକାର କହିଛନ୍ତି।

## ସୀମାନ୍ତରେ ମିଳିତ ଚଢ଼ାଉ: ମହୁଲି ପୋଚ, ଦେଶୀ ରନ୍ଧାମଦ ନଷ୍ଟ

ରାୟଗଡା ଅଫିସ,୧୦।୭: ଓଡ଼ିଶା-ଆନ୍ଧ୍ର ସୀମାନ୍ତ ରାୟଗଡ ଜିଲାର ଶେଷଖାଲ ଥାନା ଅଞ୍ଚଳରେ ବେଆଇନ ମଦ କାରବାର ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ଦେଶୀ ମଦ ଜବତ କରାଯିବା ସହ ପୋଚ ନଷ୍ଟ କରାଯାଇଥିବା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରା ସୂଚନା ଦେଇଛନ୍ତି। ଶେଷଖାଲ ଥାନା ଅଧୀନ ସାନ୍ଧୁବାଡ଼ି, ତାମ୍ପଲବାଇ, ବାଲମତି ଗ୍ରାମାଞ୍ଚଳ ଏବଂ ଅମ୍ବାଦଳା ଥାନା ଅଧୀନସ୍ଥ ଲଡାଗୁଡ଼ା, ଶୁକ୍ରଭଟା ଗ୍ରାମରେ ଚଢ଼ାଉ କରାଯାଇ ମୋଟ ୧୪୭୮୦ଲିଟର ମହୁଲ ପୋଚ ଓ ୫୭୯ଲିଟର ଦେଶୀ ରନ୍ଧାମଦ ନଷ୍ଟ କରାଯାଇଥିବା ସୂଚନା ମିଳିଛି।

## ଆଇସିଏସଇ ଦଶମ ପରୀକ୍ଷାରେ ଜୟପୁରର ୨ ଛାତ୍ରୀଙ୍କୁ ସଫଳତା

ଜୟପୁର,୧୦।୭(ଡି.ଏନ.ଏ )- ଆଇସିଏସଇ ପାଠ୍ୟକ୍ରମର ଦଶମ ଶ୍ରେଣୀ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ କୋରାପୁଟ ଜିଲା ଜୟପୁର ସହରର ପୁରାତନ ପବ୍ଲିକ ସ୍କୁଲରେ ୪୩ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିଲେ। ସମସ୍ତେ ପାସ୍ କରିଛନ୍ତି। ସେଥିରୁ ପ୍ରଥମ ଶ୍ରେଣୀରେ ୪୨ଜଣ ଏବଂ ଦ୍ୱିତୀୟ ଶ୍ରେଣୀରେ ଜଣେ ଭିନ୍ନକ୍ଷମ ଛାତ୍ରୀଛାତ୍ର ପାସ କରିଛନ୍ତି। ଛାତ୍ରୀ ବିଷ୍ଣୁପ୍ରିୟା ବାଗ ସର୍ବାଧିକ ୯୫.୮ ପ୍ରତିଶତ ନମ୍ବର ରଖିଥିବା ବେଳେ ଛାତ୍ରୀ ସମ୍ପଦା ମିଶ୍ର ୯୫.୨ ଏବଂ ଜାଗୃତି ସାହୁ ୯୨.୪ ପ୍ରତିଶତ ରଖିଛନ୍ତି। ସେହିପରି ୮ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସେହିପରି ଦୀପ୍ତି ଇଂଲିଶ ବିଦ୍ୟାଳୟର ୪୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ଶତ ପ୍ରତିଶତ ପାସ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ପୂଜିତା ଆଚାରୀ ୯୮ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଛନ୍ତି।

# ଥଇଥାନ କରି ଭୁଲିଗଲା ପ୍ରଶାସନ

କୋରୁକୋଣ୍ଡା,୧୦।୭(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୁରୁଣା ଚିମଟାପାଲ୍ଲୀ ଅନ୍ତର୍ଗତ ଏମ୍‌ଭି–୧୨୩ ନିକଟସ୍ଥ ଜାମୁଗୁଡ଼ା ଗ୍ରାମରେ ଥଇଥାନ ହୋଇଥିବା ଆଦିବାସୀଙ୍କ ପାଖରେ ସର୍ବନିମ୍ନ ମୌଳିକ ସେବା ଅପହଞ୍ଚ ହୋଇ ରହିଛି। ଗ୍ରାମର ୯ ପରିବାରର ୩୬ ଲୋକ ପାହାଡ଼ ଉପରେ ଦୀର୍ଘ ବର୍ଷ ଧରି ରହି ଆସୁଥିଲେ। ପାହାଡ଼ ଉପରେ ରହିଥିବାରୁ ସେମାନଙ୍କ ନିକଟରେ ପ୍ରଶାସନ ପହଞ୍ଚିପାରୁନି ଏବଂ କୌଣସି ଯୋଜନାରୁ ସେମାନେ ସୁଫଳ ପାଉନାହାନ୍ତି। ସବୁ ସୁବିଧା ପାଇବା ଲାଗି ଏହି ଆଦିବାସୀଙ୍କୁ ପ୍ରଶାସନ ଲୋଭ ଦେଖାଇ ପାହାଡ଼ ତଳକୁ ନେଇ ଆସିଲା। ପାହାଡ଼ ତଳେ ଜଙ୍ଗଲ କାଟି ସେମାନେ ବସତି ସ୍ଥାପନ କଲେ।



ଥଇଥାନ ହୋଇଥିବା ଜାମୁଗୁଡାବାସୀ ।

ଏହି ଗ୍ରାମର ନାମ ଜାମୁଗୁଡ଼ା ରଖାଗଲା। ସେମାନେ ଏଠାରେ ଆସି ରହିବା ପରଠାରୁ ଆଉ ପ୍ରଶାସନିକ ଅଧିକାରୀଙ୍କ ଦେଖାନାହିଁ। ଏଯାଏ ସେମାନଙ୍କ ନିକଟରେ ପାନୀୟ ଜଳ ଓ ବିଦ୍ୟୁତ୍ ସେବା ପହଞ୍ଚିପାରିନି। ଜଙ୍ଗଲ ଜମି ପଟ୍ଟା ମଧ୍ୟ ମିଳିନି। ପାନୀୟ ଜଳ ପାଇଁ ସେମାନେ ୨ କିଲୋମିଟର ଚାଲିଚାଲି ପାହାଡ଼ ନିକଟରେ ଥିବା ଏକ ଝରଣାରୁ ଆଣି ପିଉଛନ୍ତି। ବିଦ୍ୟୁତ୍ ସେବା ନ ଥିବାରୁ ସେମାନଙ୍କ ପିଲା ପାଠପଢାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି ଏହି ଗ୍ରାମବାସୀ।

### ମୌଳିକ ସୁବିଧାରୁ ବଞ୍ଚିତ ଜାମୁଗୁଡ଼ାବାସୀ

ଅଙ୍ଗନୱାଡି କେନ୍ଦ୍ର ଗ୍ରାମରୁ ବହୁ ଦୂରରେ ଥିବାରୁ ପିଲାମାନେ ସେଠାକୁ ପଢ଼ିବାକୁ ଯାଇପାରୁନାହାନ୍ତି। କେବଳ ସରକାରୀ ଯୋଜନାରେ ଗ୍ରାମର ଦୁଇ ଜଣ ବ୍ୟକ୍ତିଙ୍କ ନାମରେ ଇନ୍ଦିରା ଆବାସ କାର୍ଯ୍ୟାଦେଶ ଆସିଛି, ଅନ୍ୟମାନଙ୍କ ପାଇଁ ନାହିଁ। ସେମାନଙ୍କ ସମସ୍ୟା ସମାଧାନ ନ ହେଲେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଦାଶରଥ ସରାବୁଙ୍କୁ ପଚାରିବାରୁ ସେ କହିଲେ ଯେ, ଖୁବ୍ ଶୀଘ୍ର ସମ୍ପୃକ୍ତ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ କରାଯିବ।

## ମାଲକାନଗିରି ଜିଲାରୁ ୧୮ ପଜିଟିଭ୍

ମାଲକାନଗିରି/କାଲିମେଳା, ୧୦।୭ (ସ୍ୱ.ପ୍ର./ଡି.ଏନ.ଏ.)

ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି । ଶୁକ୍ରବାର ଜିଲାରେ ୧୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ଚିହ୍ନଟ ହୋଇଥିବା ୧୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୦ ମାଲକାନଗିରି ପୌର ପରିଷଦ ଅଞ୍ଚଳର ହୋଇଥିବାବେଳେ ଜଣେ ମାଲକାନଗିରି ବ୍ଲକ ଅନ୍ତର୍ଗତ ଏମ୍‌ଭି–୧୫ ଗ୍ରାମର ବୋଲି ଜଣାପଡିଛି। ସେହିପରି ୪ ଜଣ ବାଲିମେଳା ଏନ୍ଏସିରୁ,୨ ଜଣ କାଲିମେଳା ବ୍ଲକ ଏବଂ ଜଣେ ଖଇରପୁଟ ବ୍ଲକରୁ ଚିହ୍ନଟ ହୋଇଛନ୍ତି। ଏମ୍‌ଭି–୧୫ ଗ୍ରାମର ଆକ୍ରାନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ବାଲିମେଳା ଏନ୍ଏସିର ୪ ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣ ଗଞ୍ଜାମ ଫେରନ୍ତା ହୋଇଥିବା ବେଳେ ଅନ୍ୟ ୨ ଜଣଙ୍କ ଟ୍ରାଭେଲ ହିଷ୍ଟ୍ରି ନାହିଁ। ଖଇରପୁଟ ବ୍ଲକର ଆକ୍ରାନ୍ତ ଜଣକ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। କାଲିମେଳା ବ୍ଲକର ୨ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ କରୋନା ଯୋଦ୍ଧା, ସେ କଟକ ଫେରନ୍ତା ବୋଲି ଜଣାପଡିଛି। ଏମ୍‌ଭି–୭୫ ଗ୍ରାମର ଆକ୍ରାନ୍ତଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରି ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାରର ପଜିଟିଭଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୩୪ ଛୁଇଁଛି। ମାଲକାନଗିରି ଜିଲାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ପ୍ରଶାସନ ସିଲ କରିଦେଇଛି। ଜିଲା ପ୍ରଶାସନ ମାଲାକନଗିରି ପୌରାଞ୍ଚଳକୁ ଶୁକ୍ରବାର ୧୦ ତାରିଖ ରାତି ୮ଟାରୁ ୧୨ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଶଟଡାଉନ ଘୋଷଣା କରିଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଏବଂ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

## ଛାତ୍ରୀଛାତ୍ରଙ୍କ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ

କୋରାପୁଟ,୧୦।୭,(ସ୍ୱ.ପ୍ର.)

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଶୁକ୍ରବାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନକରି ଫେରିଛନ୍ତି। ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ନେଇ କୁଳପତି ଆଇ. ରାମବ୍ରହ୍ମଙ୍କ ସହ ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟକୁ ଏମ୍‌ପିଙ୍କ ଏହା ଥିଲା ପ୍ରଥମ ଗସ୍ତ। କୋରାପୁଟ ଜିଲାରେ ଥିବା ଏହି ବିଶ୍ୱବିଦ୍ୟାଳୟ ଭବିଷ୍ୟତରେ ଶିକ୍ଷା କ୍ଷେତ୍ରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଯେପରି ଖ୍ୟାତି ଅର୍ଜନ କରିବ ସେନେଇ ଏମ୍‌ପି ଉଲାକା ଗୁରୁତ୍ୱାରୋପ କରିବା ସହ ଛାତ୍ରୀଛାତ୍ର ଯେପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ପରେ ଏମ୍‌ପି ବିଶ୍ୱବିଦ୍ୟାଳୟର ସୁନାବେଡ଼ା ସ୍ଥାୟୀ କ୍ୟାମ୍ପସରେ ବୃକ୍ଷରୋପଣ କରିଥିଲେ। ଏମ୍‌ପିଙ୍କ ସହ ପୂର୍ବତନ ବିଧାୟକ ନିମାଇଁ



ଏମ୍‌ପିଙ୍କ ସହ କୁଳପତି ଆଲୋଚନା କରୁଛନ୍ତି।

### ଏମ୍‌ପିଙ୍କ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ

ସରକାର, ରାମଚନ୍ଦ୍ର କାଡାମ, ଜଗଦୀଶ ଖୋସ୍ଲା, ରୂପକ ତୁରୁକ , ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ ମଣ୍ଡଳୀ, କର୍ମଚାରୀଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସମନ୍ୱିତ ବିଜ୍ଞାନ କମ୍ପ୍ଲେକ୍ସ କରାଯିବା,ହସ୍ପିଟାଲ ମ୍ୟାନେଜମେଣ୍ଟ, ପର୍ଯ୍ୟଟନ, ଫାର୍ମାସୀ ଓ ଇଞ୍ଜିନିୟରିଂ ଶିକ୍ଷା ଉପରେ ପାଠ୍ୟକ୍ରମ, ଅନ୍‌ଲାଇନ ପାଠ୍ୟକ୍ରମ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ସହ ଅନ୍ୟାନ୍ୟ ଦାବି ସମ୍ବଳିତ ଏକ ଦାବିପତ୍ର ଏମ୍‌ପିଙ୍କୁ ପ୍ରଦାନ କରାଯାଇଛି। ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

## କୋରାପୁଟ: ପୁଣି ୫ ପଜିଟିଭ୍ ଚିହ୍ନଟ

କୋରାପୁଟ/ବୈପାରିଗୁଡ଼ା, ୧୦।୭(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଶୁକ୍ରବାର ପୁଣି ୫ କୋରନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତେ ସ୍ଥାନୀୟ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଚିହ୍ନଟ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାର ସୁନାବେଡାସ୍ଥିତ ହାଲ ଟାଉନଶିପ ଅଞ୍ଚଳରୁ ୨ଜଣ ଚିହ୍ନଟ ହୋଇଥିବାବେଳେ ବୈପାରିଗୁଡା ବ୍ଲକରୁ ୨ ଜଣ ଏବଂ ଜଣେ କୋରାପୁଟ ମ୍ୟୁନିସିପାଲଟି ଅନ୍ତର୍ଗତ ଗାନ୍ଧିନଗର ଅଞ୍ଚଳର ବୋଲି ଜଣାପଡିଛି । ସୁନାବେଡାର ୨ ଜଣ ଦାମନଯୋଡି ଅଞ୍ଚଳ ଜଣେ ପଜିଟିଭଙ୍କ ସଂସ୍ପର୍ଶରେ ଆସିଥିବାବେଳେ, ବୈପାରିଗୁଡା ବ୍ଲକର ୨ ଜଣ ସ୍ଥାନୀୟ ପଜିଟିଭଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। କୋରାପୁଟ ଗାନ୍ଧିନଗରର ଆକ୍ରାନ୍ତ ଜଣକ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବାବେଳେ ସଂକ୍ରମିତ ହୋଇଛନ୍ତି। ବୈପାରିଗୁଡାର ୨ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ପୋଲିସ୍ ଅଧିକାରୀ ଓ ଜଣେ ଡାକ୍ତରଙ୍କ ସ୍ତ୍ରୀ ଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ ଥାନା ଅଞ୍ଚଳ ରାସ୍ତାରେ ୨ ଶହ ମିଟର ପରିସରକୁ ୧୪ ସନ୍ଧ୍ୟା ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି ।

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ କୋଭିଡ୍ କେୟାର ସେଣ୍ଟର



ଜିଲାପାଳ, ଜିଲା ଦୌରାଜଜ୍ ଓ ଏସ୍‌ପି ଉପକାରାଗାର ପରିଦର୍ଶନ କରି ଫେରୁଛନ୍ତି ।

ବିଷମକଟକ/ରାୟଗଡ଼ା ଅଫିସ୧୦।୭:

### ଜିଲାପାଳଙ୍କ ବିଷମକଟକ ବ୍ଲକ୍ ଗସ୍ତ

ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଶୁକ୍ରବାର ବିଷମକଟକସ୍ଥିତ ଉପକାରାଗାର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଅନ୍ତେବାସୀ, କର୍ମଚାରୀ ଏବଂ ଜେଲରଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଜେଲ ପରିଦର୍ଶନବେଳେ ଜିଲାପାଳଙ୍କ ସହ ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ଦାଶ ଏବଂ ଏସ୍‌ପି ଶର୍ବଣା ବିବେକ ଏମ୍ ଉପସ୍ଥିତ ଥିଲେ। ପରେ ଜିଲାପାଳ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିଦର୍ଶନକରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେହିପରି ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ ମହିଳାମାନଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ବୁଝିଥିଲେ। ବିଶେଷକରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଓ ବିଭିନ୍ନ ସାମାଜିକ ସହାୟତା ଠିକ୍‌ଭାବେ ପାଉଛନ୍ତି କି ନାହିଁ ବୁଝିଥିଲେ। କରୋନା ପରିସ୍ଥିତିରେ ଜରୁରୀ କାମ ନ ଥିଲେ ବଜାରକୁ ନ ଯିବା ପାଇଁ ବୁଝାଇବା ସହ ବାହାରକୁ ଯିବା ସମୟରେ ମାସ୍କ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ନାନିରଗୁଡ଼ାଠାରେ ଚାଲିଥିବା ୨୦୦ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରି ଶୀଘ୍ର କାମ ସାରିବାକୁ ଠିକାଦାରଙ୍କୁ କହିଛନ୍ତି। ବୁଧବାର ସୁଦ୍ଧା ଏହି ସେଣ୍ଟର କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପରିଦର୍ଶନବେଳେ ଜିଲାପାଳଙ୍କ ସହ ବିଷମକଟକ ବିଡିଓ ଆଲଭର୍ଟ ଲାକ୍ରା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଉଭୟ ଗୋଷ୍ଠୀକୁ ଏକାଠି କଲା ପ୍ରଶାସନ

ଏମଭି–୭୯,୧୦।୭(ଡି.ଏନ.ଏ.)

ଗ୍ରାମର ବିଭିନ୍ନ ନିଷ୍ପତ୍ତିକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ମତାନ୍ତର ହେଉଥିଲା। ଏଥିପାଇଁ ସାମାଜିକ ଜୀବନ ପ୍ରଭାବିତ ହେବା ସହ ଗଣ୍ଡଗୋଳ ହୋଇ କଥା ଥାନା ପର୍ଯ୍ୟନ୍ତ ଯାଉଥିଲା। ମାଲକାନଗିରି ଜିଲା ଏମ୍‌ଭି–୭୬ ଗ୍ରାମର ଏଭଳି ବାତାବରଣ ଯୋଗୁ ଭାଇଚାରା ଭାବ ନଷ୍ଟ ହେବା ସହ ଗ୍ରାମର ବିକାଶ କାର୍ଯ୍ୟ ଆଗେଇପାରୁ ନ ଥିଲା। ଏନେଇ ପୋଲିସର ମଧ ଚିନ୍ତା ବଢୁଥିଲା। ମାସ ମାସ ଧରି ଗ୍ରାମର ଏଭଳି ସ୍ଥିତିର ନିୟନ୍ତ୍ରଣ ପାଇଁ ମୋଟୁ ତହସିଲଦାର ଶଶାଙ୍କ ମିଶ୍ର ଓ ଏମ୍‌ଭି–୭୯ ଥାନା ଅଧିକାରୀ ହରିଶ୍ଚନ୍ଦ୍ର ଗୋଲରି ଏମ୍‌ଭି–୭୬ ଗ୍ରାମର ଉଭୟ ଗୋଷ୍ଠୀକୁ ଏକାଠି କରି ଶୁକ୍ରବାର ଏକ ଶାନ୍ତି କମିଟି ଗଠନ କରିଛନ୍ତି। ସେମାନଙ୍କ ମଧ୍ୟରେ ଥିବା ମତାନ୍ତରକୁ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରିବା ସହ ଗ୍ରାମର ଉନ୍ନତିରେ ସମସ୍ତେ ଏକାଠି ହେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଉଭୟ ଗୋଷ୍ଠୀ ଏକ ହୋଇ ନିଜ ନିଜ ମତ ରଖିଥିଲେ। ଆଗାମୀ ଦିନରେ ଶାନ୍ତି କମିଟିକୁ ମାନି ଚଳିବାକୁ ସମ୍ମତି ଦେଇଥିଲେ। ବୈଠକରେ ତାଣ୍ଡବାଇ ରାଜସ୍ୱ ନିରୀକ୍ଷକ କବିରାଜ ଜେନା, ଜିଲା ପରିଷଦ ସଭ୍ୟ ସମୀର ମିସ୍ତ୍ରି, ଉତ୍ତମ ରାୟ, ଭୁବନପଲି ସରପଞ୍ଚ ସୁବା ମାଡକାମି, ପୂର୍ବତନ ଜିଲା ପରିଷଦ ସଦସ୍ୟ ପରିତୋଷ ସରକାର ଉପସ୍ଥିତ ଥିଲେ।

## ଫାଇନାନ୍ସ ସଂସ୍ଥାର ଦାଦାଗିରି ଅଭିଯୋଗ: ଥାନାର ଦ୍ୱାରସ୍ଥ ହେଲେ ଏସ୍‌ଏଚ୍‌ଜି

ମୁନିଗୁଡ଼ା,୧୦।୭(ଡି.ଏନ୍.ଏ.):

- ଘରବାଡ଼ି, କିଡ୍‌ନୀ ବିକି ଋଣ ଶୁଝିବାକୁ ଧମକ
- ତାଗିଦ କଲା ପୋଲିସ

କରୋନା ପରିସ୍ଥିତିରେ ସମଗ୍ର ଦେଶ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍‌ର ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନେ ମଧ ଏଥିରୁ ବର୍ତ୍ତିନାହାନ୍ତି। ବିଭିନ୍ନ ବେସରକାରୀ ଫାଇନାନ୍ସସଂସ୍ଥାରୁ ଋଣ ନେଇ ମହିଳାମାନେ ବ୍ୟବସାୟ ଚଳାଇଛନ୍ତି। ଠିକ୍ ସମୟରେ ଋଣ ପରିଶୋଧ ମଧ କରୁଛନ୍ତି। ତେବେ ଲକ୍‌ଡାଉନ୍ ଯୋଗୁ ମାର୍ଚ୍ଚ ମାସରୁ ବେପାର ବନ୍ଦ ରହିଛି। ତେଣୁ ଠିକ୍ ସମୟରେ ଋଣ ପରିଶୋଧ କରିପାରୁନାହାନ୍ତି। ପରିବାର ଚଳାଇବା ମଧ ଏମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ସଂସ୍ଥାଗୁଡ଼ିକ ସେମାନଙ୍କୁ ଭରସା ଦେବା ବଦଳରେ ଅର୍ଥ ଆଦାୟ ସମୟରେ ଜୁଲମ କରୁଥିବା ମୁନିଗୁଡ଼ା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ମୁନିଗୁଡ଼ା ଖମଣ ସାହିର ଅସହାୟ ମହିଳାମାନେ ଋଣ ନେଇ କ୍ଷୁଦ୍ର ବ୍ୟବସାୟ କରୁଥିଲେ। ଏବେ ବ୍ୟବସାୟ ବନ୍ଦ ଯୋଗୁ ଋଣ ପରିଶୋଧ ପାଇଁ କିଛି ସମୟ ଚାହୁଁଛନ୍ତି। ହେଲେ ଘରବାଡ଼ି କିମ୍ବା କିଡ୍‌ନୀ ବିକ୍ରି କର, ଋଣ ଠିକ୍ ସମୟରେ ପରିଶୋଧ କର ବୋଲି ସଂସ୍ଥାର କର୍ମଚାରୀମାନେ ଧମକ ଦେଉଥିବା ମହିଳାମାନେ ଅଭିଯୋଗ କହିଛନ୍ତି। କେତେଜଣ କର୍ମଚାରୀ ମହିଳାମାନଙ୍କୁ ଆପତ୍ତିଜନକ ଅପଶବ୍ଦ ପ୍ରୟୋଗ କରିଥିବା ମଧ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ସରକାର ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ଦେବା ସହ ଋଣ ଛାଡ଼ କରନ୍ତୁ ବୋଲି ମହିଳାମାନେ ନିବେଦନ କରିଛନ୍ତି। ଏଥିସହ ଜୁଲମ କରୁଥିବା ସଂସ୍ଥାର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସମିତିସଭ୍ୟା ଲବଣି ପାଣିଗ୍ରାହୀ, ଏସ୍‌ଏଚ୍‌ଜିର ତୃପ୍ତିମୟୀ ନାୟକ, ନର୍ମଦା ପାଣିଗ୍ରାହୀ, ସବିତା ପାତ୍ରଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ମହିଳା ମୁନିଗୁଡ଼ା ଥାନାରେ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପୋଲିସ ଫାଇନାନ୍ସ ସଂସ୍ଥାର କର୍ମଚାରୀଙ୍କୁ ଥାନାକୁ ଆଣି ତାଗିଦ୍ କରିଛି । ଜୋର ଜବରଦସ୍ତ ଟଙ୍କା ଆଦାୟ ନ କରିବା ପାଇଁ କର୍ମଚାରୀମାନେ ଲିଖିତ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

## ‘ସ୍ୱାବ୍ ପରୀକ୍ଷା, ଅତ୍ୟାବଶ୍ୟକ ସୁବିଧା ମିଳୁନି’

### କଣ୍ଟେନମେଣ୍ଟ ଜୋନ୍ ଘୋଷଣାର ସପ୍ତାହେ ବିତିଲା

ଗୁଣପୁର,୧୦।୭(ଡି.ଏନ.ଏ)

ଗୁଣପୁର ବ୍ଲକ୍ ଶିରିଝୋଲି ପଞ୍ଚାୟତର ବିଜୟପୁର ଗ୍ରାମର ଜଣେ ଯୁବକ ଗୁଣପୁର ସହରସ୍ଥିତ ଶାନ୍ତିନଗର ଅଞ୍ଚଳରେ ରହୁଥିଲେ। ସେ କରୋନା ପଜିଟିଭ ଚିହ୍ନଟ ହେବାପରେ ଶାନ୍ତିନଗରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଅଞ୍ଚଳକୁ ସାନିଟାଇଜ୍ ମଧ କରାଯାଇଥିଲା। ତେବେ ଇତିମଧ୍ୟରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣାର ସପ୍ତାହେ ବିତିଯାଇଥିଲେ ମଧ ସାହି ବାସିନ୍ଦାଙ୍କ ସ୍ୱାବ ପରୀକ୍ଷା କରାଯାଇନାହିଁ। ସେହିପରି ଅଞ୍ଚଳରେ କୌଣସି ଅତ୍ୟାବଶ୍ୟକ ସୁବିଧା ଯୋଗାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ ପହଞ୍ଚୁନାହିଁ। ଘରେ କୁଢ଼ କୁଢ଼ ଆବର୍ଜନା ପଡ଼ିରହିଥିଲେ ମଧ ତାହା ସଫା ହୋଇପାରୁନାହିଁ। କଣ୍ଟେନମେଣ୍ଟ ଜୋନ୍ କରି କେବଳ ଲୋକଙ୍କୁ ହଇରାଣ କରାଯାଉଥିବା ନେଇ ସାହି ବାସିନ୍ଦା ବିଭିନ୍ନ ସୋସିଆଲ୍ ମିଡିଆରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସେମାନେ ନିବେଦନ କରିଛନ୍ତି।

## ସିମେଣ୍ଟ କାରଖାନା ଡ୍ରାଇଭର, ହେଲ୍‌ପରଙ୍କ ଆନ୍ଦୋଳନ

ପଟ୍ଟାଙ୍ଗି,୧୦।୭(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅମ୍ବାବାଲିସ୍ଥିତ ଗଜପତି ସିମେଣ୍ଟ କାରଖାନାରେ କାର୍ଯ୍ୟରତ ଡ୍ରାଇଭର ଓ ହେଲପରମାନେ ନିଜର ବିଭିନ୍ନ ଦାବି ନେଇ ଗତ ୫ ଦିନ ହେଲା କାର୍ଯ୍ୟବନ୍ଦ କରିଛନ୍ତି। ଦାବି ପୂରଣ ନ ହେବାଯାଏ କାର୍ଯ୍ୟରେ ଯୋଗ ଦେବୁନି ବୋଲି ପ୍ରକାଶ କରି କାରଖାନା କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରଛନ୍ତି। ଏହି କାରଖାନାର ନିଜସ୍ୱ ଏବଂ ବାହାର ଟ୍ରକ ଦ୍ୱାରା କାରଖାନାରୁ ସିମେଣ୍ଟ କୋରାପୁଟ ଜିଲା ଏବଂ ବାହାର ରାଜ୍ୟକୁ ରପ୍ତାନୀ ହୋଇଥାଏ। ଟ୍ରକ ଚଳାଉଥିବା ୭୦ ଜଣ ଡ୍ରାଇଭର ଓ ହେଲପର ବିଭିନ୍ନ ସମୟରେ ବିଭିନ୍ନ ଜିଲା ଏବଂ ରାଜ୍ୟ ବାହାରକୁ ସିମେଣ୍ଟ ନେଇ ଯାଇଥାନ୍ତି। ସେମାନେ ପାଉଥିବା ସ୍ୱଳ୍ପ ଦରମାରେ ପରିବାର ଚଳାଇବା କଷ୍ଟକର ହୋଇଥାଏ। ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଟ୍ରକ ଡ୍ରାଇଭର ଓ ହେଲପରମାନେ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ ସେ ଶୁଣୁନାହାନ୍ତି ବୋଲି ଡ୍ରାଇଭରମାନେ ଅଭିଯୋଗ କରିଛନ୍ତି। ଦରମା ବୃଦ୍ଧି ଦାବି କରି ୬ ତାରିଖରୁ ସେମାନେ କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। କର୍ତ୍ତୃପକ୍ଷ ସେମାନଙ୍କ ସମସ୍ୟା ସମାଧାନ ନ କଲା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ସଂଘ ସଭାପତି ସମ୍ବଲପୁରୀ ବୋମା ଓ ସମ୍ପାଦକ କେ. କନକାରାଜୁ କହିଛନ୍ତି । କାରଖାନା କର୍ତ୍ତୃପକ୍ଷ ଶ୍ରୀନିବାସ ରାଓଙ୍କୁ ପଚାରିବାରୁ ସେ କହିଲେ ଯେ, ଆମେ ଡ୍ରାଇଭରମାନଙ୍କ ଦାବିକୁ ବିଚାର କରୁଛୁ। ସେମାନେ ପ୍ରଥମେ କାର୍ଯ୍ୟରେ ଯୋଗଦେଇ ଗାଡିଚଳାନ୍ତୁ। ମାସେ ଭିତରେ ଆମେ ସେମାନଙ୍କ ଦାବିପୂରଣ କରିବୁ।



ଆନ୍ଦୋଳନ ଯୋଗୁ ପଡିରହିଥିବା ଟ୍ରକ ।

# ପାଣି ବିନା ଉହ୍ଲବିକଳ ୨ ଗାଁ

ବିଷମକଟକ, ୧୦।୭

### ଦୃଷ୍ଟି ଦେଉନାହାନ୍ତି ଅଧିକାରୀ

ରାୟଗଡ଼ା ଜିଲା ବିଷମକଟକ ବ୍ଲକ କାଙ୍କୁବାଡି ପଞ୍ଚାୟତରେ ଏବେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ପଞ୍ଚାୟତର କିତିଙ୍ଗି ଓ କାଙ୍କୁବାଡି ଗ୍ରାମବାସୀ ପାଣି ବିନା ଉହଲ ବିକଳ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।

କିତିଙ୍ଗି ଗ୍ରାମରେ ୩୦ ପରିବାରରେ ୧୫୦ଜଣ ବସବାସ କରୁଛନ୍ତି। ଗାଁରେ ରହିଛି ଗୋଟିଏ ନଳକୂଅ। କିଛି ବର୍ଷ ପୂର୍ବେ ଆକସୁସ୍ ନାମକ ଏକ ବେସରକାରୀ ସଂସ୍ଥା ଉକ୍ତ ନଳକୂପରେ ସୋଲାରପମ୍ପ ବସାଇ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଉଥିଲା। ଏବେ ପ୍ରାୟ ୮ଦିନ ହେବ ସୋଲାର ପମ୍ପଟି କିନ୍ତୁ ଖରାପ ହୋଇ ପଡିଛି। ସେବେଠାରୁ ଉକ୍ତ ବୋରରୁ ପାଣି ବାହାରୁ ନାହିଁ। ଗ୍ରାମବାସୀ ନଳକୂପରେ ସଂଯୋଗ ଥିବା ଢେଙ୍କୁ ବ୍ୟବହାର କରି ପାଣି ବାହାର କରୁଛନ୍ତି। କିନ୍ତୁ ସେହି ପାଣି ଅତି ଗୋଳିଆ। ନଳକୂପ ମରାମତି ପାଇଁ ପଞ୍ଚାୟତ କାଯ୍ୟାଳୟକୁ ବାରମ୍ବାର ଜଣାଇଲେ ମଧ କିଛି ସୁଫଳ ମିଳୁନି ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି କାଙ୍କୁବାଡି ଗ୍ରାମରେ ମଧ ପାନୀୟ ଜଳ ଯୋଗାଣ ପ୍ରାୟ ୧୫ଦିନ ହେବ ବନ୍ଦ ରହିଛି। ଏଠାରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ପମ୍ପ ହାଉସ୍ ଓ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଛି। କିନ୍ତୁ ଜଳ ଯୋଗାଣ ଦାୟିତ୍ୱ ଗ୍ରାମ ପଞ୍ଚାୟତକୁ ଦିଆଯାଇଛି। ଦୀର୍ଘ ଦିନ ପର୍ଯ୍ୟନ୍ତ ପମ୍ପ ହାଉସ୍‌ର ବିଦ୍ୟୁତ ବିଲ୍ ପଇଠ କରାଯାଇନି। ତେଣୁ ବିଦ୍ୟୁତ୍ ବିଭାଗ ପମ୍ପହାଉସ୍‌କୁ କରେଣ୍ଟ ଦେଉନାହିଁ। ଫଳରେ ଗ୍ରାମବାସୀଙ୍କୁ ପାନୀୟ ଜଳ ମିଳିପାରୁନି। ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟୁତ ବିଲ୍ ପଇଠ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ରାଜଶ୍ରୀ ପାତ୍ରଙ୍କୁ ପଚାରିବାରୁ ଜଳ ଯୋଗାଣର ସମସ୍ତ ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି। ପଞ୍ଚାୟତ ଭିଏଲ୍‌ଡବ୍ଲ୍ୟୁ ମନୋଜ କୁମାର ବୈଦ୍ୟ ଭୂଷଣଙ୍କୁ ୭୦୦୮୬୨୯୬୯୦ ନମ୍ବରରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନି। ଗ୍ରାମବାସୀଙ୍କୁ ତୁରନ୍ତ ପାନୀୟ ଜଳ ଯୋଗାଇବାକୁ ଦାବି ହୋଇଛି।

# ସରକାରୀ ବସ୍ କର୍ମଚାରୀଙ୍କୁ ଦରମା ନ ଦେବାକୁ ମସୁଧା

ଜୟପୁର,୧୦।୭ (ନି.ପ୍ର.)

ରାଜ୍ୟରେ କରୋନା ସ୍ଥିତି ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ପ୍ରତ୍ୟହ ଶତାଧିକ ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଲୋକେ ଭୟଭୀତ ହୋଇ ବସ୍ ଯୋଗେ ଯାତ୍ରା କରୁନାହାନ୍ତି। ସେତେ ଆବଶ୍ୟକ ହେଲେ ବସ୍‌ରେ ଯାଉଛନ୍ତି। ଯାତ୍ରୀ ହେଉ ନ ଥିବାରୁ ଅଧିକାଂଶ ରୁଟ୍‌ରେ ଘରୋଇ ଓ ସରକାରୀ ବସ୍ ଚଳାଚଳ ବନ୍ଦ ହୋଇଯାଉଛି। କୋରାପୁଟ ଜିଲା ଜୟପୁରରେ ମଧ ସମାନ ସ୍ଥିତି। ତେବେ ଏଠାରେ ସରକାରୀ ବସ୍ କର୍ମଚାରୀଙ୍କ ସହ ଜିଲା ପରିବହନ ଅଧିକାରୀ କାମ ନାହିଁ ତ ଦରମା ନାହିଁ ନୀତି ଜାରି କରିଛନ୍ତି। ଏନେଇ ବିଜ୍ଞପ୍ତି ପ୍ରକାଶ ପରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ୫୦ରୁ ଉର୍ଦ୍ଧ୍ୱ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ପରିବହନ ଅଧିକାରୀଙ୍କୁ ଭେଟି



ପରିବହନ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା କର୍ମଚାରୀମାନେ ।

ଦରମା ଦାବି କରିଛନ୍ତି। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଜୟପୁର ଜୋନରେ ୪୯ଟି ରୁଟ୍‌ରେ ସରକାରୀ ବସ୍ ଚଳାଚଳ ପାଇଁ ଅନୁମତି ରହିଛି। ତେବେ ସେଥିରୁ ୩୬ଟି ରୁଟ୍‌ରେ ବସ୍ ଚଳାଚଳ କରୁଥିଲା। କରୋନା ଲକ୍‌ଡାଉନ ଯୋଗୁ ଗତ ମାର୍ଚ୍ଚରୁ ଅଧିକାଂଶ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ରହିଥିଲା। କେବଳ ନାମକୁମାତ୍ର ୫/୭ଟି ରୁଟ୍‌ରେ ବସ୍ ଚାଲୁଥିଲା। ସେତକ ମଧ ଏବେ ବନ୍ଦ ହୋଇଯାଇଛି। ଅନ୍ୟପକ୍ଷରେ ଗତ ମାର୍ଚ୍ଚ ମାସରୁ ଏ ପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ ଥିଲେ ମଧ ବସ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ୨୦ ପ୍ରତିଶତ କାଟି ଦରମା ପ୍ରଦାନ କରାଯାଉଥିଲା। ଏବେ କାମ ନାହିଁ ତ ଦରମା ନାହିଁ ବୋଲି ଏକ ନୋଟିସ ବାହାର କରିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପରିବହନ ଅଧିକାରୀ ଚିତ୍ତରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, କର୍ମଚାରୀଙ୍କ ଦାବିକୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।

